DOLC - 01

# ଓଡ଼ିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

## Term End Examination

## June - 2017

## DOLC – 01 ବର୍ଣ୍ଣ ପରିଚୟ

ସମୟ – ୩ ଘଣ୍ଟା　　　　　　　　　　　　　　　　　　　　ପୂର୍ଣ୍ଣସଂଖ୍ୟା – ୧୦୦

### ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖନ୍ତୁ ।

### 'କ' ବିଭାଗ

ପ୍ରଶ୍ନ : ୧ .ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଚାରିଗୋଟି ପ୍ରଶ୍ନର ଉତ୍ତର ଲେଖନ୍ତୁ । ପ୍ରତ୍ୟେକଟିର ଉତ୍ତର ଏକଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ ।　　　୫ x ୪=୨୦

କ. ଅବ୍ୟୟ କାହାକୁ କୁହାଯାଏ ? ଏହା କେତେ ପ୍ରକାରର ? କ'ଣ କ'ଣ ?

ଖ. ଉପସର୍ଗ ଦ୍ୱାରା କେମିତି ମୂଳ ଅର୍ଥରେ ପରିବର୍ତ୍ତନ ହୁଏ ବୁଝାଇ ଲେଖନ୍ତୁ ।

ଗ. ଓଡ଼ିଆ ଭାଷାରେ ବ୍ୟବହାର କରାଯାଉଥିବା ଉପସର୍ଗ ଗୁଡ଼ିକ କ'ଣ କ'ଣ ?

ଘ. ମଧ୍ୟପଦଲୋପୀ କର୍ମଧାରୟ ସମାସ କାହାକୁ କୁହାଯାଏ ? ଉଦାହରଣ ଦିଅନ୍ତୁ ।

ଙ. ବ୍ୟଞ୍ଜନ ସନ୍ଧି କ'ଣ ? ଉଦାହରଣ ସହ ବୁଝାଇ ଲେଖନ୍ତୁ ।

ଚ. ଓଡ଼ିଆରେ ଦୀର୍ଘସ୍ୱର କାହାକୁ କହନ୍ତି ? ଉଦାହରଣ ଦେଇ ବୁଝାନ୍ତୁ ।

ଛ. ଆହୁତ ଶବ୍ଦ କ'ଣ ? ଉଦାହରଣ ସହ ଉଲ୍ଲେଖ କରନ୍ତୁ ।

## 'ଖ' ବିଭାଗ

ପ୍ରଶ୍ନ : ୨ . ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ଦୁଇଟି ପ୍ରଶ୍ନର ଉତ୍ତର ଲେଖନ୍ତୁ । ପ୍ରତ୍ୟେକଟିର ଉତ୍ତର ଦୁଇ ଶହ ପଚାଶ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । ୧୦x୨=୨୦

କ. ଓଡ଼ିଆ ବର୍ଣ୍ଣମାଳାକୁ କେତୋଟି ବର୍ଗରେ ବିଭକ୍ତ କରାଯାଇଛି ? ସେସବୁର ସ୍ୱରୂପ ବର୍ଣ୍ଣନା କରନ୍ତୁ ।

ଖ. ଜାତିବାଚକ ବିଶେଷ୍ୟ କାହାକୁ କୁହାଯାଏ ? ଉଦାହରଣ ସହ ବୁଝାଇ ଦିଅନ୍ତୁ ।

ଗ. ପୁରୁଷ କ'ଣ ? ଏହା କେତେ ପ୍ରକାରର ? ଉଦାହରଣ ଦେଇ ବୁଝାନ୍ତୁ ।

ଘ. ତତ୍ ପୁରୁଷ ସମାସ କ'ଣ ? ଏହା କେତେ ପ୍ରକାରର ? ପାଞ୍ଚଟି ଦୃଷ୍ଟାନ୍ତ ସହ ବୁଝାଇ ଦିଅନ୍ତୁ ।

ଙ. ସମ୍ଭାବନା ସୂଚକ ଅବ୍ୟୟ ଓ ସମ୍ବୋଧନାର୍ଥକ ଅବ୍ୟୟ ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହ ବୁଝାଇ ଲେଖନ୍ତୁ ।

## 'ଗ' ବିଭାଗ

ପ୍ରଶ୍ନ :୩. ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକ ମଧ୍ୟରୁ ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଲେଖନ୍ତୁ। ପ୍ରତ୍ୟେକଟିର ଉତ୍ତର ପାଞ୍ଚ ଶହ ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । ୨୦x୩=୬୦

କ. କାରକ କାହାକୁ କହନ୍ତି ? ଏହା କେତେ ପ୍ରକାରର ? କ'ଣ କ'ଣ ?

ଖ. ବିଶେଷଣ କ'ଣ ? ଏହା ସାଧାରଣତଃ କେତେ ପ୍ରକାରର ? ବୁଝାଇ ଲେଖନ୍ତୁ ।

ଗ. ତତ୍ସମ ଓ ତଦ୍ଭବ ଶବ୍ଦ କହିଲେ କ'ଣ ବୁଝନ୍ତି ? ପ୍ରତ୍ୟେକଟିରୁ ଦଶଟି ଲେଖାଏଁ ଉଦାହରଣ ଦେଇ ବୁଝାଇ ଦିଅନ୍ତୁ ।

ଘ. ବିଭକ୍ତି କାହାକୁ କୁହାଯାଏ ? ଏହା କେତେ ପ୍ରକାରର ? ପାଞ୍ଚଟି ଉଦାହରଣ ସହ ବୁଝାନ୍ତୁ ।

ଙ. ଦ୍ୱିଗୁ ଓ ଦ୍ୱନ୍ଦ ସମାସ କ'ଣ ? ଉଦାହରଣ ସହ ଆଲୋଚନା କରନ୍ତୁ ।